ELECTORAL LITERACY CLUB

No Voter to be Left Behind

ଭାରତର ନିର୍ବାଚନ ଆୟୋଗ

# ନିର୍ବାଚନ ସାକ୍ଷରତା ସମିତି

## ମହାବିଦ୍ୟାଳୟମାନଙ୍କ ନିମନ୍ତେ ସାଧନ

## ପଥପ୍ରଦର୍ଶକ



ELECTORAL LITERACY CLUB

No Voter to be Left Behind

## ଭାରତର ନିର୍ବାଚନ ଆୟୋଗ

# ନିର୍ବାଚନ ସାକ୍ଷରତା ସମିତି

## ମହାବିଦ୍ୟାଳୟମାନଙ୍କ ନିମନ୍ତେ ସାଧନ ପଥପ୍ରଦର୍ଶକ




ଭାରତର ନିର୍ବାଚନ ଆୟୋଗଙ୍କ ଦ୍ୱାରା ୨୦୧୮ ମସିହାରେ ପ୍ରକାଶିତ
ନିର୍ବାଚନ ସଦନ, ଅଶୋକା ମାର୍ଗ, ନୂଆଦିଲ୍ଲୀ-୧୧୦୦୦୧

ବିଷୟବସ୍ତୁ, ଆଲୋକଚିତ୍ର ଏବଂ ସଚିତ୍ର ପ୍ରଦର୍ଶନ
ଗ୍ରନ୍ଥସ୍ୱତ୍ତ୍ୱ – ଭାରତର ନିର୍ବାଚନ ଆୟୋଗ

# ସୂଚୀପତ୍ର


୧. ଉପକ୍ରମ ........................................ ୫
୨. ଲକ୍ଷ୍ୟ ........................................ ୫
୩. ସଭ୍ୟ ........................................ ୬
୪. ଗଠନ ପ୍ରଣାଳୀ ........................................ ୬
୫. କେନ୍ଦ୍ରୀୟ ଅଧିକାରୀ ଏବଂ ଅଭିଜ୍ଞ ଉପଦେଷ୍ଟା ................ ୭
୬. କାର୍ଯ୍ୟନିର୍ବାହୀ ସମିତି........................................ ୮
୭. ଆବାହକ ........................................ ୯
୮. କାର୍ଯ୍ୟାଳୟ ଅବଧି ........................................ ୧୦
୯. ସ୍ଥାନ ........................................ ୧୦
୧୦. ନି.ସା.ସ. ଅଧିବେଶନ........................................ ୧୧
୧୧. କାର୍ଯ୍ୟକଳାପ ........................................ ୧୧
୧୨. ସାମାଜିକ ଗଣମାଧ୍ୟମର ଉପସ୍ଥିତି ତଥା ପ୍ରଚାର ପ୍ରସାର...... ୧୧
୧୩. ବାଧ୍ୟତାମୂଳକ ନିୟମାବଳୀ ........................................ ୧୨
୧୪. ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ଅନ୍ତର୍ଭୁକ୍ତି ........................ ୧୩
୧୫. ନିର୍ଦ୍ଦେଶ ମୁତାବକ କାର୍ଯ୍ୟକଳାପ........................................ ୧୪
(କ) ଗଣତନ୍ତ୍ରର ପ୍ରାଚୀର ........................................ ୧୫
(ଖ) ନିର୍ବାଚନୀ ଆସର / ମତଦାନ ମହୋତ୍ସବ............. ୧୮
(ଗ) ଯୁବଭୋଟର ମହୋତ୍ସବ କିମ୍ବା ଯୁବ ମତଦାତା ମହୋତ୍ସବ .. ୨୦
(ଘ) ସ୍ୱତନ୍ତ୍ର କାର୍ଯ୍ୟକ୍ରମ ........................................ ୨୪
(ଙ) ବିତର୍କ / ବକ୍ତୃତା ପ୍ରତିଯୋଗିତା ........................ ୨୫
(ଚ) ଜାତୀୟ ମତଦାତା ଦିବସ ସମାରୋହ................ ୨୬
(ଛ) ପ୍ରେରଣାଦାତାଙ୍କ ନିମନ୍ତ୍ରଣ........................................ ୨୭
(ଜ) ମହାବିଦ୍ୟାଳୟ ମୁଖପତ୍ରରେ ସଚିତ୍ର ଗଳ୍ପ ପ୍ରକାଶନ..... ୨୮
(ଝ) ସାମାଜିକ ଗଣମାଧ୍ୟମ ଆଧାରିତ କାର୍ଯ୍ୟକ୍ରମ.......... ୨୮
୧୬. ପ୍ରସ୍ତାବିତ କାର୍ଯ୍ୟକ୍ରମର ଅନୁସୂଚୀ........................................ ୩୦
୧୭. ସାଧନ........................................ ୩୧


***






ପ୍ରତ୍ୟେକଟି ଭୋଟ ମୂଲ୍ୟବାନ

## ୧.  ନିର୍ବାଚନ ସାକ୍ଷରତା ସମିତି-ମୁଖବନ୍ଧ

ଦେଶ ମଧ୍ୟରେ ସବୁବୟସ ଏବଂ ସବୁବର୍ଗର ଭାରତୀୟ ନାଗରିକମାନଙ୍କୁ ବିଭିନ୍ନ ପ୍ରକାର କୌତୁହଳ ଉଦ୍ଦୀପକ ଏବଂ ପ୍ରାପ୍ତ ଅନୁଭୂତି କାର୍ଯ୍ୟକ୍ରମରେ ନିୟୋଜିତ କରି ନିର୍ବାଚନ ସାକ୍ଷରତା କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ନିର୍ବାଚନ ସାକ୍ଷରତା ସମିତିମାନ ଗଠନ କରାଯାଇଛି। ତେବେ ଏ ସମସ୍ତ କାର୍ଯ୍ୟକ୍ରମ ଅଣରାଜନୈତିକ, ନିରପେକ୍ଷ ତଥା ନିର୍ଦ୍ଦଳୀୟ ଢଙ୍ଗରେ କରାଯିବା ଆବଶ୍ୟକ।

ବିଶେଷକରି ସ୍ନାତକ ଛାତ୍ରମାନଙ୍କୁ, ନୂଆଭୋଟର (୧୮ରୁ ୨୧ବର୍ଷ ବୟସ ମଧ୍ୟରେ) ମାନଙ୍କୁ ଆଖିଆଗରେ ରଖି ସର୍ବଭାରତୀୟ ସ୍ତରରେ ମହାବିଦ୍ୟାଳୟମାନଙ୍କରେ ଏହି ନିର୍ବାଚନ ସାକ୍ଷରତା ସମିତିମାନ ଗଠନ କରାଯାଉଅଛି।

ମହାବିଦ୍ୟାଳୟର ଅର୍ଦ୍ଧବାର୍ଷିକ (ସେମିଷ୍ଟର)ର ସମସ୍ତ ଛାତ୍ର ଉକ୍ତ ସମିତିର ସଭ୍ୟ ରହିବେ। ନିର୍ବାଚନ ସାକ୍ଷରତା ସମିତି କିପରି ଗଠିତ ହେବ, କେଉଁମାନେ ଏଥିରେ ଅଂଶଗ୍ରହଣ କରିବେ, କିଭଳି ଭାବରେ ଏହା ପରିଚାଳିତ ହେବ ଏବଂ କି କି କାର୍ଯ୍ୟକ୍ରମ ଏଥିରେ ସ୍ଥାନିତ ହେବ ଏ ସମସ୍ତ ବିଷୟରେ ନିମ୍ନଲିଖିତ ଉପବିଭାଗଗୁଡ଼ିକ ଆଲୋଚନା କରି ନିଷ୍ପତ୍ତି ଗ୍ରହଣ କରିବେ।

## ୨.  ଉଦ୍ଦେଶ୍ୟ

(କ) ଅଭିଜ୍ଞ ବ୍ୟକ୍ତିଙ୍କ ଦ୍ୱାରା ଲକ୍ଷ୍ୟଧାର୍ଯ୍ୟ କରାଯାଇଥିବା ସାଧାରଣ ଲୋକଙ୍କୁ ପଞ୍ଜିକରଣ, ଭୋଟଦାନ ପ୍ରକ୍ରିୟା ଏବଂ ତତ୍‌ସମ୍ପର୍କିତ ବିଷୟଗୁଡ଼ିକ ସମ୍ପର୍କରେ ବୁଝେଇବା।

(ଖ) ଇ.ଭି.ଏମ୍ ଏବଂ ଭି.ଭି.ପାଟ୍ ବିଷୟରେ ଭଲଭାବେ ଜାଣିବା ତଥା ଇଭିଏମ୍‌ର ଦୃଢତା ଏବଂ ଏହାଦ୍ୱାରା ଭୋଟଦାନ ପ୍ରକ୍ରିୟାର ବିଶ୍ୱସନୀୟତା ଉପରେ ଶିକ୍ଷାଦାନ କରିବା।

(ଗ) ଧାର୍ଯ୍ୟଲକ୍ଷ୍ୟ ଦର୍ଶକମାନଙ୍କୁ ଭୋଟଦାନର ମହତ୍ତ୍ୱ ସମ୍ପର୍କରେ ବୁଝେଇବା ଏବଂ ସେମାନଙ୍କର ମତଦାନ ଅଧିକାରକୁ ଅତ୍ୟନ୍ତ ବିଶ୍ୱସନୀୟ, ସରଳ ଏବଂ ନୈତିକତା ଆଧାରରେ ବୁଝାଇବା।

(ଘ) ଜନସାଧାରଣଙ୍କ ମଧ୍ୟରେ ନିର୍ବାଚନୀ ସାକ୍ଷରତାର ପ୍ରଚାର ପ୍ରସାର ପାଇଁ ନି.ସା.ସ. ସଭ୍ୟମାନଙ୍କର ଦକ୍ଷତା ଉପଯୋଗ କରିବା।

(ଙ) ଅଦ୍ୟାବଧି ପଞ୍ଜିକୃତ ହୋଇନଥିବା ଯୋଗ୍ୟ ସଭ୍ୟମାନଙ୍କର ପଞ୍ଜିକରଣର ବ୍ୟବସ୍ଥା କରାଇବା।

(ଚ) ସଂଖ୍ୟାଧିକ ମତଦାତାଙ୍କ ଅଂଶଗ୍ରହଣ, ବିବେକାନୁମୋଦିତ ଭାବେ ମତଦାନ କରିବା ଓ 'ପ୍ରତ୍ୟେକ ଭୋଟ ମୂଲ୍ୟବାନ' ତଥା କୌଣସି ଭୋଟର ବାଦ୍ ନ ପଡ଼ିବା ବିଷୟରେ ଧ୍ୟାନଦେବା।

## ୩. ସଭ୍ୟ

ମହାବିଦ୍ୟାଳୟର ଛାତ୍ରମାନେ ଉକ୍ତ ସମିତିର ସଭ୍ୟ ରହିବେ। ଶିକ୍ଷାବର୍ଷର ପ୍ରାରମ୍ଭରେ ନିଜକୁ ପଞ୍ଜିକୃତ କରାଇ ଉକ୍ତ ସମିତିର ସଭ୍ୟ ହୋଇପାରିବେ। ପଞ୍ଜିକୃତ ହୋଇଥିବା ଜଣେ ଛାତ୍ର ତା'ର ଶିକ୍ଷା ସମାପ୍ତ ପର୍ଯ୍ୟନ୍ତ ଏହି ସମିତିର ସଭ୍ୟ ଭାବେ ବିବେଚିତ ହେବ।

## ୪. ଗଠନ ପ୍ରଣାଳୀ

ନି.ସା.ସ. ମହାବିଦ୍ୟାଳୟ / ଅନୁଷ୍ଠାନର ନାମ ଅନୁସାରେ ନାମିତ ହେବ ଏବଂ କେନ୍ଦ୍ରୀୟ ଅଧିକାରୀଙ୍କ ଦ୍ୱାରା ଉକ୍ତ ସମିତି ସ୍ଥାପିତ ଓ

ପରିଚାଳିତ ହେବ। ପ୍ରତ୍ୟେକ ମହାବିଦ୍ୟାଳୟରେ ଏପରି ଏକ ସମିତି ଗଠନ କରାଯିବାର ପ୍ରସ୍ତାବ ରହିଛି। ତେବେ ଆବଶ୍ୟକସ୍ଥଳେ ଏଭଳି ସମିତି ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗରେ ମଧ୍ୟ ସ୍ଥାପନ କରାଯାଇପାରେ। ଏପରିସ୍ଥଳେ ସମ୍ପୃକ୍ତ ଅନୁଷ୍ଠାନ ନିଜର ସୁବିଧା ଅନୁସାରେ ଏହି ସମିତିର ପରିଚାଳନା କରିପାରିବ।

## ୫. କେନ୍ଦ୍ରୀୟ ଅଧିକାରୀ / ଉପଦେଷ୍ଟା

ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗର ଜଣେ କିମ୍ବା ଦୁଇଜଣ ଶିକ୍ଷକ ଉକ୍ତ ସମିତିର କେନ୍ଦ୍ରୀୟ ଅଧିକାରୀ ରୂପେ କାର୍ଯ୍ୟ କରିବେ। ନିର୍ବାଚନୀ ଅଭିଜ୍ଞତା ଥିବା ଶିକ୍ଷକଙ୍କୁ ଏ କ୍ଷେତ୍ରରେ ପ୍ରାଧାନ୍ୟ ଦିଆଯିବ। ନିମ୍ନୋକ୍ତ ବିଷୟଗୁଡ଼ିକ ଉପରେ ସେମାନେ ଆଲୋକପାତ କରିବେ।

(କ) ସମିତି ପଞ୍ଜିକରଣକୁ ପ୍ରୋତ୍ସାହିତ ଏବଂ ତଦାରଖ କରିବା।



(ଖ) ନି.ସା.ସ.ର କାର୍ଯ୍ୟନିର୍ବାହୀ ସମିତିର ନିର୍ବାଚନ ଓ ଗଠନର ପର୍ଯ୍ୟବେକ୍ଷଣ।

(ଗ) ଜିଲ୍ଲା ନିର୍ବାଚନ ଅଧିକାରୀ ଓ ନି.ସା.ସ ମଧ୍ୟରେ ସାଧନ ଓ ତଥ୍ୟ ଆଦାନ ପ୍ରଦାନ ବିଷୟରେ ସମନ୍ୱୟ ରକ୍ଷା କରିବା।

(ଘ) ନୂତନ ସାଧନ ସୃଷ୍ଟି କରିବା ଏବଂ ତାହା ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ଦୃଷ୍ଟିକୁ ଆଣିବାକୁ ଚେଷ୍ଟା କରିବା।

(ଙ) କାର୍ଯ୍ୟନିର୍ବାହୀ ସମିତିର ବାର୍ଷିକ କାର୍ଯ୍ୟସାରଣୀ / କ୍ୟାଲେଣ୍ଡର ବାବଦରେ ମାର୍ଗଦର୍ଶନ ତଥା ତଦାରଖ କରିବା।

**କେନ୍ଦ୍ରୀୟ ଅଧିକାରୀ ସ୍ୱାଧୀନ ଭାବରେ ନି.ସା.ସ.ର କାର୍ଯ୍ୟ ପରିଚାଳନା ପାଇଁ ଏହାର ସଭ୍ୟମାନଙ୍କୁ ନିୟୋଜିତ କରିପାରିବେ।**

## ୬. କାର୍ଯ୍ୟନିର୍ବାହୀ ସମିତି

(କ) ନି.ସା.ସ.ର ସଭ୍ୟ-ଛାତ୍ରମାନଙ୍କ ମଧ୍ୟରୁ ନିର୍ବାଚିତ ମଣ୍ଡଳୀ ଏବଂ ପ୍ରତି ଶ୍ରେଣୀର ନିର୍ବାଚିତ ପ୍ରତିନିଧିମାନେ ମିଶି ଏହି ସମିତି ପରିଚାଳନା କରିବେ।

(ଖ) କେବଳ ମତଦାତା ଭାବରେ ପଞ୍ଜିକୃତ ହୋଇଥିବା ଛାତ୍ରମାନେ ଏହି ସମିତିର ସଭ୍ୟ ହୋଇପାରିବେ।

(ଗ) ରାଜନୀତିରେ ସକ୍ରିୟ ଥିବା କୌଣସି ଛାତ୍ରକୁ ଏହି ସମିତିର ଅନ୍ତର୍ଭୁକ୍ତ କରାଯିବ ନାହିଁ। ତେବେ ରାଜନୈତିକ ଅଙ୍ଗୀକାର ଥିବା ଛାତ୍ର ଉକ୍ତ ସମିତିରେ ସାଧାରଣ ସଭ୍ୟ ଭାବେ ଯୋଗ ଦେଇପାରିବେ।

(ଘ) ନିର୍ବାଚିତ ପ୍ରତିନିଧିମାନେ ନି.ସା.ସ.ର କାର୍ଯ୍ୟନିର୍ବାହୀ ସମିତି ଗଠନ କରିବେ।

(ଙ) ନିର୍ବାଚିତ ପ୍ରତିନିଧିମାନେ ସେମାନଙ୍କ ମଧ୍ୟରୁ ଜଣଙ୍କୁ ଏହାର ଅଧ୍ୟକ୍ଷ ଏବଂ ଅନ୍ୟ ଜଣଙ୍କୁ ଉପାଧ୍ୟକ୍ଷ ଭାବରେ ନିର୍ବାଚିତ କରିବେ।

(ଚ) କାର୍ଯ୍ୟନିର୍ବାହୀ ସମିତି କେନ୍ଦ୍ରୀୟ ଅଧିକାରୀଙ୍କ ମାର୍ଗଦର୍ଶନ, ପରାମର୍ଶ ଓ ପର୍ଯ୍ୟବେକ୍ଷଣ ଅନୁସାରେ ନି.ସା.ସ.ର କାର୍ଯ୍ୟ ପରିଚାଳନା ଦାୟିତ୍ୱ ବହନ କରିବେ।

(ଛ) ନି.ସା.ସ.ର ସଭ୍ୟମାନଙ୍କ ମଧ୍ୟରେ ମତଦାନର ଭାବନା ସୃଷ୍ଟି କରିବା ପାଇଁ ନିର୍ବାଚିତ ମଣ୍ଡଳୀ ପ୍ରଚେଷ୍ଟା କରିବା ସହିତ ନିମ୍ନୋକ୍ତ ଭୂମିକାମାନ ତୁଲାଇବ।

- (i) ସମିତି ପଞ୍ଜିକରଣ ଆୟୋଜନ କରିବା
- (ii) ନି.ସା.ସ. ପାଇଁ କାର୍ଯ୍ୟାବଳୀର ଯୋଜନା ଏବଂ ବାର୍ଷିକ କାର୍ଯ୍ୟସାରଣୀ ପ୍ରସ୍ତୁତ କରିବା
- (iii) ନି.ସା.ସ. କାର୍ଯ୍ୟାବଳୀର ସୁପରିଚାଳନା ପାଇଁ ଆବଶ୍ୟକୀୟ ନିୟମାବଳୀ ପ୍ରସ୍ତୁତ କରିବା
- (iv) କାର୍ଯ୍ୟସାରଣୀ ଅନୁସାରେ କାର୍ଯ୍ୟ ପରିଚାଳନା ତଦାରଖ କରିବା
- (v) ନି.ସା.ସ. ପାଇଁ ସାଧନ ସୃଷ୍ଟି କରିବା
- (vi) ମତଦାତା ଭାବରେ ପଞ୍ଜିକୃତ ହୋଇନଥିବା ଛାତ୍ରମାନଙ୍କର ପଞ୍ଜିକରଣ ପାଇଁ ବ୍ୟବସ୍ଥା କରିବା

## ୭. ଆବାହକ

ଯେଉଁଠାରେ ପରିସର ରାଜଦୂତ ନିଯୁକ୍ତ ହୋଇଛନ୍ତି ସେଇମାନେ ହିଁ ନି.ସା.ସ.ର ଆବାହକରୂପେ କାର୍ଯ୍ୟ କରିବେ ଏବଂ କେନ୍ଦ୍ରୀୟ ଅଧିକାରୀଙ୍କୁ

ତାଙ୍କ କାର୍ଯ୍ୟ ପରିଚାଳନାରେ ସହଯୋଗ କରିବେ, ଯେଉଁଠାରେ ପରିସର ରାଜଦୂତ ନିଯୁକ୍ତ ହୋଇନାହାନ୍ତି ସେଠାରେ କେନ୍ଦ୍ରୀୟ ଅଧିକାରୀ ଏବଂ ନିର୍ବାହୀସମିତି ଆଗ୍ରହୀ ଛାତ୍ରମାନଙ୍କୁ ଏହାର ଆବାହକ ରୂପେ ମନୋନୀତ କରିପାରିବେ। ଆବାହକ ନିମ୍ନୋକ୍ତ ବିଷୟଗୁଡ଼ିକ ପ୍ରତି ଧ୍ୟାନବାନ ହେବେ।

(କ) ନି.ସା.ସ.ର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଛାତ୍ରମାନଙ୍କର ଚୟନ ଓ ଯୋଗଦାନ କରାଇବା

(ଖ) କାର୍ଯ୍ୟନିର୍ବାହୀ ସମିତି ଏବଂ ଉପଦେଷ୍ଟା / କେନ୍ଦ୍ରୀୟ ଅଧିକାରୀଙ୍କ ସାମଗ୍ରିକ ମାର୍ଗଦର୍ଶନ ଅନୁସାରେ କାର୍ଯ୍ୟ ପରିଚାଳନା କରିବା

(ଗ) କାର୍ଯ୍ୟନିର୍ବାହୀ ସମିତି ଏବଂ ଉପଦେଷ୍ଟା / କେନ୍ଦ୍ରୀୟ ଅଧିକାରୀଙ୍କ ପ୍ରଦତ୍ତ ଅନ୍ୟ ଯେ କୌଣସି କାର୍ଯ୍ୟ ସମ୍ପାଦାନ କରିବା

## ୮. କାର୍ଯ୍ୟାଳୟ ଅବଧି

(କ) କାର୍ଯ୍ୟନିର୍ବାହୀ ସମିତି ଏବଂ ଆବାହକମାନଙ୍କର କାର୍ଯ୍ୟକାଳ କାର୍ଯ୍ୟଭାର ଗ୍ରହଣ କରିବା ଦିନଠାରୁ ୧ବର୍ଷ କିମ୍ବା ଆବଶ୍ୟକସ୍ଥଳେ ୨ବର୍ଷକୁ ବୃଦ୍ଧି କରାଯାଇପାରିବ। କାର୍ଯ୍ୟ ଅବଧି ସମ୍ବନ୍ଧୀୟ ସର୍ବଶେଷ ନିଷ୍ପତ୍ତି କେନ୍ଦ୍ରୀୟ ଅଧିକାରୀଙ୍କ ଉପରେ ନ୍ୟସ୍ତ ରହିବ।

(ଖ) ନିର୍ବାଚିତ ସଦସ୍ୟ ନି.ସା.ସ.ରେ ସଭ୍ୟ ଭାବେ ପଞ୍ଜିକୃତ ହେବେ।

## ୯. ସଭାସ୍ଥଳୀ

ଶିକ୍ଷାଦାନ ସମାପ୍ତ ପରେ ଯେ କୌଣସି ଶ୍ରେଣୀଗୃହ କିମ୍ବା

ଅନ୍ୟକୌଣସି ସ୍ଥାନକୁ ସଭାସ୍ଥଳୀ ରୂପେ ବ୍ୟବହାର କରାଯାଇପାରିବ। ତେବେ ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ ଅନୁସାରେ ସଭାସ୍ଥଳୀ ମଧ୍ୟ ପରିବର୍ତ୍ତନ କରାଯାଇପାରେ।

## ୧୦. ନି.ସା.ସ. ଅଧିବେଶନ

ଅଧିବେଶନଗୁଡ଼ିକ କାର୍ଯ୍ୟକ୍ରମଭିତ୍ତିକ ହେବ। ପ୍ରତି ଶିକ୍ଷାବର୍ଷରେ ଏହି କାର୍ଯ୍ୟକ୍ରମ ପାଇଁ ସର୍ବମୋଟ ୮ ରୁ ୧୦ଘଣ୍ଟା ପର୍ଯ୍ୟନ୍ତ ସମୟ ସ୍ଥିରୀକୃତ ରହିବ, ମହାବିଦ୍ୟାଳୟର ସମସ୍ତ ଛାତ୍ରମାନଙ୍କ ପାଇଁ ଏହା ଉଦ୍ଦିଷ୍ଟ ରହିବ।

## ୧୧. କାର୍ଯ୍ୟାବଳୀ

ମହାବିଦ୍ୟାଳୟ ନିମିତ୍ତ ଏହି ନିର୍ବାଚନ ମାର୍ଗଦର୍ଶନ ପୁସ୍ତକ କାର୍ଯ୍ୟାବଳୀର ସବିଶେଷ ବିବରଣୀ ବହନ କରେ। କାର୍ଯ୍ୟନିର୍ବାହୀ ସମିତି ଯେ ପର୍ଯ୍ୟନ୍ତ ମତଦାତାମାନଙ୍କୁ ସଚେତନ କରିବା କାର୍ଯ୍ୟକ୍ରମରେ ସକ୍ରିୟ ଅଛନ୍ତି, ସେ ପର୍ଯ୍ୟନ୍ତ ସେମାନେ ଚାହିଁଲେ ଅନ୍ୟ ଯେ କୌଣସି କାର୍ଯ୍ୟକ୍ରମ ବାଛିପାରିବେ କିମ୍ବା ପରିବର୍ତ୍ତନ ମଧ୍ୟ କରିପାରିବେ। ଏପରିକି ନୂଆ କାର୍ଯ୍ୟକ୍ରମମାନ ସୃଷ୍ଟି କରିପାରିବେ। ଉକ୍ତ କାର୍ଯ୍ୟକ୍ରମ ମଧ୍ୟରେ ମାସିକ ପ୍ରାଚୀର ପତ୍ର ପ୍ରକାଶନ ଅନ୍ୟତମ। ଏଥିସହିତ ମତଦାନ ଆସର ଏବଂ ସ୍ୱତନ୍ତ୍ର ପଞ୍ଜିକରଣ ପ୍ରକ୍ରିୟା ବାଧ୍ୟତାମୂଳକ କାର୍ଯ୍ୟକ୍ରମ ଭାବେ ରହିବ।

## ୧୨. ସାମାଜିକ ଗଣମାଧ୍ୟମରେ ଉପସ୍ଥିତି ଏବଂ ପ୍ରଚାର ପ୍ରସାର

(କ) ନି.ସା.ସ.ର କାର୍ଯ୍ୟକାରୀ ସମିତି ନିର୍ଦ୍ଦିଷ୍ଟ ସାମାଜିକ ଗଣମାଧ୍ୟମ ଯଥା-ଫେସ୍‌ବୁକ୍, ହ୍ୱାଟ୍‌ସଆପ୍ ଆଦିରେ ସେମାନଙ୍କର କାର୍ଯ୍ୟକ୍ରମ (ଘୋଷଣା, ସାଂପ୍ରତିକ କାର୍ଯ୍ୟକ୍ରମ, ଫଳାଫଳ, ପ୍ରୟାସ, ବିଭିନ୍ନ ପ୍ରକାରର ପ୍ରତିଯୋଗିତା,

ପଞ୍ଜିକରଣ ଇତ୍ୟାଦି) ନିୟମିତ ଭାବେ ପ୍ରସାର କରିବେ। ୟୁଟ୍ୟୁବ୍ ମାଧ୍ୟମରେ କେନ୍ଦ୍ରୀୟ ଅଧିକାରୀ / ଉପଦେଷ୍ଟା (ସ୍ଥାୟୀ)ଙ୍କ ଦ୍ୱାରା ପରିଚାଳିତ କାର୍ଯ୍ୟକ୍ରମସବୁ (କାର୍ଯ୍ୟକ୍ରମ ପ୍ରବାହ, ସଂରକ୍ଷିତ ବିଷୟବସ୍ତୁ ଆଦି) ପ୍ରସାରିତ କରାଯିବ।

(ଖ) ଅଧିକନ୍ତୁ କାର୍ଯ୍ୟନିର୍ବାହୀ ସମିତି ପିଣ୍ଟରେଷ୍ଟ ବୋର୍ଡ଼ ଏବଂ ଇନ୍‌ଷ୍ଟାଗ୍ରାମ୍ ଭଳି ଉତ୍ସର୍ଗୀକୃତ ଗଣମାଧ୍ୟମରେ ସେମାନଙ୍କ କାର୍ଯ୍ୟକ୍ରମଗୁଡ଼ିକ ପ୍ରସାର କରିବେ, ଏହିସବୁ ପ୍ରସାରଣବେଳେ ପ୍ରଶାସକମାନେ ସର୍ବୋତ୍କୃଷ୍ଟ ରାୟ, ସଂପୂର୍ଣ୍ଣ ନିରପେକ୍ଷତା ଏବଂ ଏକାଧିକାର ପ୍ରତି ଯତ୍ନଶୀଳ ହେବେ।

(ଗ) ଭାରତର ନିର୍ବାଚନ ଆୟୋଗଙ୍କର ଫେସ୍‌ବୁକ୍, ୟୁଟ୍ୟୁବ୍ ଚାନେଲ୍ ସହିତ ମହାବିଦ୍ୟାଳୟ / ବିଶ୍ୱବିଦ୍ୟାଳୟରେ ଥିବା ନି.ସା.ସା.ର ଫେସ୍‌ବୁକ୍ ଓ ୟୁଟ୍ୟୁବ୍ ସଂଯୋଜିତ ହେବ।

**ଟିପ୍ପଣୀ :** ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟର ନି.ସା.ସ.ମାନେ ଅନ୍ୟ ସାମାଜିକ ଗଣମାଧ୍ୟମରେ ସେମାନଙ୍କର ପ୍ରସାରଣ ବୃଦ୍ଧି କରିପାରିବେ (କେନ୍ଦ୍ରୀୟ ଅଧିକାରୀ ଏହିସବୁ ପ୍ରସାରଣର ନିର୍ଦ୍ଦଳୀୟତା ନିଶ୍ଚିତ କରାଇବେ।)

## ୧୩. ବାଧ୍ୟତାମୂଳକ ନିୟମାବଳୀ

(କ) ନି.ସା.ସ.ର କୌଣସି ରାଜନୈତିକ ଦଳ କିମ୍ବା ଗୋଷ୍ଠୀଙ୍କ ସହିତ ସମ୍ବନ୍ଧ ରହିବ ନାହିଁ।

(ଖ) ନି.ସା.ସ.ର କାର୍ଯ୍ୟଧାରା ମଧ୍ୟରେ (ପ୍ରେରଣାଦାତାଙ୍କୁ ନିମନ୍ତ୍ରଣ, ନିର୍ବାଚନୀ ଆସର, ସାଂସ୍କୃତିକ କାର୍ଯ୍ୟକଳାପ) କୌଣସି ପ୍ରକାର ଦଳଗତ ମନୋଭାବ ରହିବନାହିଁ।

(ଗ) ରାଜନୈତିକ ସମ୍ପୃକ୍ତି ଥିବା ସତ୍ତ୍ୱେ ବି କୌଣସି ଛାତ୍ର ଚାହିଁଲେ ସ୍ୱାଧୀନ ଭାବରେ ନି.ସା.ସ.ର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିପାରିବେ।

(ଘ) କାର୍ଯ୍ୟନିର୍ବାହୀ ସମିତି ତା'ର ଅବଧି ଶେଷ ହେବାପରେ ଗୋଟିଏ ବାର୍ଷିକ ବିବରଣୀ ପ୍ରସ୍ତୁତ କରିବା ବିଧେୟ। ଉକ୍ତ ବାର୍ଷିକ ବିବରଣୀରେ ନିର୍ବାହ ହୋଇଥିବା ସବିଶେଷ କାର୍ଯ୍ୟାବଳୀ (ଅନ୍‌ଲାଇନ ଏବଂ ଅଫ୍‌ଲାଇନ) ଦାୟିତ୍ୱ ସମ୍ପାଦନ ଏବଂ ଫଳାଫଳ ଲିପିବଦ୍ଧ କରିବେ। ଏହା କେନ୍ଦ୍ରୀୟ ଅଧିକାରୀଙ୍କ ମାଧ୍ୟମରେ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ନିକଟରେ ଦାଖଲ କରାଯିବ।

## ୧୪. ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ଅନ୍ତର୍ଭୁକ୍ତି

ନି.ସା.ସ. ଏକ ସାମୂହିକ ସମିତି ଯାହା ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ଅନ୍ତର୍ଭୁକ୍ତିକୁ ନିଶ୍ଚିତ କରାଇବ।

- ଆବାହକ ଏହି ଛାତ୍ରଛାତ୍ରୀମାନଙ୍କୁ ଅଧିକରୁ ଅଧିକ ସଂଖ୍ୟାରେ ଅନ୍ତର୍ଭୁକ୍ତି ପାଇଁ ଅନ୍ୟ ସଭ୍ୟମାନଙ୍କୁ ସଚେତନ କରାଇବେ।
- ଭିନ୍ନକ୍ଷମମାନଙ୍କର ସହଜ ଯାତାୟତ ପାଇଁ ଶ୍ରେଣୀଗୃହର ତଳ ମହଲାକୁ ନି.ସା.ସ.ର କାର୍ଯ୍ୟକ୍ରମ ପାଇଁ ବ୍ୟବହାର କରାଯିବ।
- ଯଦି ଛାତ୍ର / ଛାତ୍ରୀଟି ଶ୍ରୁତିବାଧିତ (ବଧିର) ହୋଇଥାଏ ତେବେ ସଂକେତଭାଷା ବ୍ୟାଖ୍ୟାକାରୀଙ୍କ ନିୟୋଜିତ କରାଯିବ। (ଏହି ବ୍ୟାଖ୍ୟାକାରୀ ଛାତ୍ରଟିର ସାଙ୍ଗମାନଙ୍କ ମଧ୍ୟରେ ମିଳିଲେ ଉତ୍ତମ।)
- ସମିତିର କୌଣସି କାର୍ଯ୍ୟକ୍ରମରୁ ଭିନ୍ନକ୍ଷମ ଛାତ୍ରଛାତ୍ରୀମାନେ ବାଦ୍ ପଡ଼ିବା ଉଚିତ୍ ନୁହେଁ।
- ଭିନ୍ନକ୍ଷମ ଛାତ୍ରଛାତ୍ରୀମାନଙ୍କୁ ସମାନୁପାତିକ ଭାବେ ଉକ୍ତ ସମିତିରେ ପ୍ରତିନିଧିତ୍ୱ ମିଳିବା ଆବଶ୍ୟକ।

***

# ୧୫. କାର୍ଯ୍ୟକ୍ରମ ଓ ନିୟମାବଳୀ

## କାର୍ଯ୍ୟକ୍ରମ: ଗଣତନ୍ତ୍ରର ପ୍ରାଚୀର

ପ୍ରାଚୀରପତ୍ର ମାଧ୍ୟମରେ ନିର୍ବାଚନୀ ସାକ୍ଷରତା ତଥ୍ୟକୁ ଚିତ୍ତାକର୍ଷକ, ସୃଜନାତ୍ମକ ତଥା ମନୋମୁଗ୍ଧକର ଭାବରେ ଛାତ୍ରମାନଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିବା ସହିତ ଅଧିକ ସଂଖ୍ୟାରେ ଯୋଗଦାନ ପାଇଁ ପ୍ରେରଣା ଦେବା।

ସମସ୍ତଙ୍କ ଦୃଷ୍ଟିଗୋଚର ହେଉଥିବା ଏକ ମୁଖ୍ୟପ୍ରାଚୀର ଏହି ଉଦ୍ଦେଶ୍ୟରେ ନିୟୋଜିତ ହେବ। ଏହା 'ଗଣତନ୍ତ୍ରର ପ୍ରାଚୀର' ରୂପେ ଚିହ୍ନିତ ହେବ। ନର୍ବାଚନ ସାକ୍ଷରତା ସମ୍ବନ୍ଧୀୟ ବଭିନ୍ନ ବଷୟବସ୍ତୁ ସବୁକୁ ଉକ୍ତ ପ୍ରାଚୀରରେ ଅଠା କିମ୍ବା କଣ୍ଟା ଦ୍ୱାରା ଲଗାଯାଇପାରିବ ଏବଂ ଯଦି ଅନୁମତି ମିଳେ ତେବେ ରଙ୍ଗ ଦ୍ୱାରା ମଧ୍ୟ ଲେଖାଯାଇପାରେ।

ମହାବିଦ୍ୟାଳୟର ପ୍ରଶାସନ ଏଥିନିମନ୍ତେ ଏକ ପ୍ରାଚୀର କିମ୍ବା ନିର୍ଦ୍ଧାରିତ ବାରଣ୍ଡାରେ ଏକ ପ୍ରଦର୍ଶନ ଫଳକ ଯୋଗାଇଦେବେ। ପ୍ରାଚୀର ପତ୍ରର ବିଷୟବସ୍ତୁ ପ୍ରତିମାସରେ ପରିବର୍ତ୍ତନ କରାଯିବ।

### ପ୍ରଣାଳୀ

୧. ନିର୍ବାହୀ ସମିତିର ମାର୍ଗଦର୍ଶନରେ ନି.ସା.ସ. ଏହି ପ୍ରାଚୀର ପତ୍ରର ପରିଚାଳନା କରିବ। କିଛି ସଭ୍ୟ ଏହି ପ୍ରାଚୀର ପତ୍ରର ପରିଚାଳନାରେ କେନ୍ଦ୍ରୀୟ ଦଳ ଭାବରେ ମଧ୍ୟ କାର୍ଯ୍ୟ କରିପାରନ୍ତି।

୨. ପ୍ରାଚୀର ପତ୍ରର ବିଷୟବସ୍ତୁ ପ୍ରତିମାସରେ ପରିବର୍ତ୍ତନ ହେବ।

୩. ପ୍ରାଚୀର ପତ୍ର ପାଇଁ ଅର୍ଦ୍ଧବାର୍ଷିକୀର (ସେମିଷ୍ଟର) ଛାତ୍ରମାନଙ୍କ ଠାରୁ ସାଂପ୍ରତିକ ବିଷୟବସ୍ତୁ ଉପରେ ଲେଖା, ପ୍ରବନ୍ଧ, କବିତା, ରେଖାଚିତ୍ର, ରଙ୍ଗୀନ ଚିତ୍ର, ଚିଠିପତ୍ର, ଶବ୍ଦଧନ୍ଦା ଆଦି ଆହ୍ୱାନ କରାଯିବ।

୪. ଲେଖାର ସଂଖ୍ୟା ଉପରେ ନିର୍ଭର କରି ପ୍ରତି ସପ୍ତାହ କିମ୍ବା ୧୫ ଦିନରେ ବିଷୟବସ୍ତୁର ସୂଚୀ ପରିବର୍ତ୍ତନ କରାଯିବ।

୫. ସେହି ମାସରେ ହେବାକୁ ଥିବା ନି.ସା.ସ.ର ପ୍ରମୁଖ

କାର୍ଯ୍ୟକ୍ରମଗୁଡ଼ିକର ଘୋଷଣା ଉକ୍ତ ପ୍ରାଚୀର ପତ୍ରରେ ପ୍ରଦର୍ଶିତ କରାଯିବ।

୬. ଉକ୍ତ ପ୍ରାଚୀରଟିକୁ ୪ଗୋଟି ମୁଖ୍ୟ ବିଭାଗରେ ବିଭକ୍ତ କରାଯିବ।

| | |
|---|---|
| **ଭାଗ-୧**<br>ଏହି ଭାଗରେ ନିର୍ବାଚନ ସମ୍ବନ୍ଧୀୟ ଶବ୍ଦାବଳୀ ଏବଂ ବିଷୟବସ୍ତୁର ମୌଳିକ ଉକ୍ତି ପ୍ରଦର୍ଶିତ ହେବ। | **ଭାଗ-୨**<br>ନିର୍ବାଚନ ପ୍ରକ୍ରିୟାର ବିଭିନ୍ନ ଦିଗ ସମ୍ବନ୍ଧିତ ସାଂପ୍ରତିକ ବିଷୟବସ୍ତୁ ଉପରେ ଛାତ୍ରମାନଙ୍କ ଠାରୁ ମିଳିଥିବା ଲେଖା ଉକ୍ତ ଭାଗରେ ସ୍ଥାନ ପାଇବ। ଏହି ଲେଖାଗୁଡ଼ିକ ଛାତ୍ରମାନଙ୍କର ନିଜସ୍ୱ ତଥା ଚିତ୍ର ସମ୍ବନ୍ଧିତ ହୋଇଥିବ। ବିକଳ୍ପ ଭାବରେ, ଉକ୍ତ ସ୍ଥାନରେ 'ଭୋଟ ଉପରେ ବିଶ୍ୱାସ' ସମ୍ବନ୍ଧୀୟ ନିର୍ବାଚନ ଗଳ୍ପ ମଧ୍ୟ ପ୍ରକାଶ କରାଯିବ। |
| **ଭାଗ-୩**<br>ଦର୍ଶକମାନଙ୍କ ଠାରୁ ନିମ୍ନୋକ୍ତ ବିଷୟରେ ପ୍ରତିକ୍ରିୟା ଆହ୍ୱାନ କରାଯିବ।<br>"ଆପଣ ଭୋଟ ଦେବାକୁ ଯୋଗ୍ୟ କି?"<br>"ଆପଣ ଭୋଟ ଦେବାକୁ ପ୍ରସ୍ତୁତ କି?"<br>"କିପରି ଭୋଟଦାତା ହେବାକୁ ପଡ଼ିବ?" ଇତ୍ୟାଦି ଏସବୁ ପ୍ରଶ୍ନର ମତାମତ ପାଇଁ ଛାତ୍ରମାନଙ୍କ ନିମନ୍ତେ ଉକ୍ତ ପ୍ରାଚୀରରେ ସ୍ଥାନ ଖାଲି ରହିବ। | **ଭାଗ-୪**<br>ନି.ସା.ସ. ଦ୍ୱାରା ହେବାକୁ ଥିବା ପ୍ରମୁଖ କାର୍ଯ୍ୟକ୍ରମର ସବିଶେଷ ବର୍ଣ୍ଣନା ଓ ଘୋଷଣା ଏହି ଭାଗରେ ସ୍ଥାନ ପାଇବ। ଦର୍ଶକମାନେ ପ୍ରଶ୍ନ ପଚାରିବା ପାଇଁ ଏହି ଭାଗରେ କିଛି ସ୍ଥାନ ମଧ୍ୟ ଖାଲି ରଖାଯିବ।<br>ଜିଲ୍ଲା ଯୋଗାଯୋଗ କେନ୍ଦ୍ର ନଂ.(ନିର୍ବାଚନ) ଭାବରେ ଦୃଶ୍ୟ ହେବା ଉଚିତ୍। |

## ସମୟ ସାରଣୀ :

ଉକ୍ତ ପ୍ରାଚୀର ପତ୍ରରେ ପ୍ରତିମାସରେ ନୂଆ ନୂଆ ବିଷୟବସ୍ତୁ ସ୍ଥାନ ପାଇବ। ମିଳୁଥିବା ଲେଖାର ସଂଖ୍ୟାକୁ ଦୃଷ୍ଟିରେ ରଖି ପ୍ରାଚୀର ପତ୍ରର ସୂଚୀ ପ୍ରତିଦିନ କିମ୍ବା ପ୍ରତି ସପ୍ତାହରେ ବଦଳାଯିବ।

**ପ୍ରାଚୀର ପତ୍ରିକା ପାଇଁ ପ୍ରସ୍ତାବିତ ବିଷୟବସ୍ତୁ**

**ପ୍ରାଚୀର ପତ୍ରିକା ପାଇଁ ବିଷୟବସ୍ତୁର ଏକ ତାଲିକା ପ୍ରଦତ୍ତ କରାଗଲା:-**

୧. ଗଣତନ୍ତ୍ର: ସରକାର-ଲୋକମାନଙ୍କର, ଲୋକମାନଙ୍କ ଦ୍ୱାରା ଏବଂ ଲୋକମାନଙ୍କ ପାଇଁ

୨. ମୋ ଭୋଟ ମୋ ଅଧିକାର / ମତଦାନର ଗୁରୁତ୍ୱ

୩. ସାମୂହିକ ନିର୍ବାଚନ: ପ୍ରତ୍ୟେକ ଭୋଟ୍‌ର ମୂଲ୍ୟ ସମାନ

୪. ନୈତିକ ଏବଂ ବିଜ୍ଞ ମତଦାନ

୫. ଆଚରଣ ବିଧିର ନମୂନା

୬. ଗୁପ୍ତ ମତଦାନ

୭. ଇ.ଭି.ଏମ୍ ଏବଂ ଭି.ଭି.ପାଟ୍ ବ୍ୟବହାର ମାଧ୍ୟମରେ ନିର୍ବାଚନ ପ୍ରଣାଳୀର ଅକ୍ଷୁଣ୍ଣତା

୮. ପ୍ରାର୍ଥୀଙ୍କ ସମ୍ପର୍କରେ ଜାଣିବା

୯. ଜାତୀୟ ମତଦାତା ଦିବସ

୧୦. ନିର୍ବାଚନୀ ଇସ୍ତାହାର

୧୧. ବାହୁଡ଼ା ଭୋଟରଙ୍କ ମତ ଅନୁସାରେ ଫଳାଫଳ

୧୨. ସାମାଜିକ ଗଣମାଧ୍ୟମ ଏବଂ ରାଜନୈତିକ ପ୍ରଚାର

୧୩. ସାମୂହିକ ନିର୍ବାଚନ

## କାର୍ଯ୍ୟକ୍ରମ : ନିର୍ବାଚନୀ ଆସର

ପ୍ରାଚୀନ କଫି ହାଉସ୍ ଭଳି ବର୍ତ୍ତମାନ ମହାବିଦ୍ୟାଳୟମାନଙ୍କରେ ଥିବା କ୍ୟାଣ୍ଟିନଗୁଡ଼ିକରେ ନିର୍ବାଚନୀ ଆସର ଅନୁଷ୍ଠିତ ହେବ। ଏହି ଆସରରେ ନି.ସା.ସ.ର ସଭ୍ୟମାନଙ୍କ ଦ୍ୱାରା ଯୁବକମାନଙ୍କର ନିର୍ବାଚନୀ ପ୍ରକ୍ରିୟାରେ ଅଂଶଗ୍ରହଣ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯିବ।



**ଅଂଶଗ୍ରହଣକାରୀ :** ନି.ସା.ସ.ର ସଭ୍ୟମାନଙ୍କ ପାଇଁ ନିର୍ବାଚନୀ ଆସର ଏକ ବାଧ୍ୟତାମୂଳକ କାର୍ଯ୍ୟକ୍ରମ। ତେବେ ନି.ସା.ସ.ର ସଭ୍ୟ ନଥିବା ଛାତ୍ରମାନେ ମଧ୍ୟ ଉକ୍ତ ଆସରରେ ଯୋଗଦାନ କରିପାରିବେ।

**ପ୍ରଣାଳୀ :** ଥରେ ଆଲୋଚନାର ବିଷୟବସ୍ତୁ ସ୍ଥିର ହୋଇଯିବା ପରେ ଏହା ସମସ୍ତଙ୍କ ପାଇଁ ଉନ୍ମୁକ୍ତ ରହିବ ଏବଂ ସମସ୍ତେ ନିଜ ନିଜର ଦୃଷ୍ଟିକୋଣ ମତାମତ, ମନୋଭାବ ଏବଂ ଅଭିମୁଖ୍ୟ ପ୍ରକାଶ କରିବେ। ମାର୍ମିକ ଦୃଷ୍ଟିରୁ ଏହା ଅନୌପଚାରିକ ହେଲେ ମଧ୍ୟ ସମସ୍ତ ଅଂଶଗ୍ରହଣକାରୀ ସେମାନଙ୍କ

ସୁଚିନ୍ତିତ ମତାମତ ଦେବା ପାଇଁ ସକ୍ରିୟ ରହିବେ। ତେବେ ଏହି ଆଲୋଚନା ଇଂରାଜୀ ଏବଂ ସ୍ଥାନୀୟ ଭାଷାରେ ହେବା ପାଇଁ ନି.ସା.ସ. ନିଶ୍ଚିତ କରିବ। ଉକ୍ତ ଆଲୋଚନା ସଂପୂର୍ଣ୍ଣ ରୂପେ ଏକ ତୃଣମୂଳ ସ୍ତରୀୟ ଆଲୋଚନା ହେବ। ନି.ସା.ସ.ର ସଭ୍ୟମାନେ ଉକ୍ତ ଆଲୋଚନାର ସ୍ଥିର କିମ୍ବା ଗତିଶୀଳ ଚିତ୍ର ବିଭିନ୍ନ ସାମାଜିକ ଗଣମାଧ୍ୟମରେ ବହୁଳ ପ୍ରଚାର ପାଇଁ ଦେଇପାରିବେ।

**ଅବଧି :** ୨ ଘଣ୍ଟା

**ସମ୍ଭାବ୍ୟ ବିଷୟବସ୍ତୁ :** ନି.ସା.ସ.ର ସଭ୍ୟମାନେ ଆଲୋଚନାର ବିଷୟବସ୍ତୁ ନିଜେ ସ୍ଥିର କରିବେ ଅଥବା ନିମ୍ନୋକ୍ତ ସୂଚୀ ଅନୁସାରେ ମଧ୍ୟ ସ୍ଥିର କରିପାରିବେ।

- ମତଦାତାଙ୍କ ପାଇଁ ଶିକ୍ଷା : ଆବଶ୍ୟକୀୟ ମାତ୍ର ଅବହେଳିତ ଦିଗ।
- ରାଷ୍ଟ୍ର ମତଦାନ ପ୍ରକ୍ରିୟାକୁ ବାଧ୍ୟତାମୂଳକ କରିବା ଉଚିତ।
- ସାମୁହିକ ମତଦାନରେ ଭାରତର କ'ଣ ହେବ?
- ନିର୍ବାଚନରେ ଅନ୍ତର୍ଭୁକ୍ତି
- ଅନ୍‌ଲାଇନ୍ ମାଧ୍ୟମରେ ମତଦାନ : ଭବିଷ୍ୟତର କାର୍ଯ୍ୟପନ୍ଥା କିମ୍ବା ଏହା ଏକ ସମ୍ଭାବନା ଥିବା ଭାନୁମତୀର ପେଡ଼ି ଖୋଲିବା ପରି?
- ଜଘନ୍ୟ ଅପରାଧରେ ଅଭିଯୁକ୍ତ ପ୍ରାର୍ଥୀମାନେ ନିର୍ବାଚନ ଲଢିବାକୁ ଅଯୋଗ୍ୟ ଘୋଷିତ ହେବା ଉଚିତ୍ କି ?
- ପୂର୍ବାନୁମାନ ଏବଂ ବାହୁଡ଼ା ଭୋଟରଙ୍କ ମତ ସୀମିତ ତଥା ସୁନିୟନ୍ତ୍ରିତ ହେବା ଉଚିତ୍।

- ଇ.ଭି.ଏମ୍/ଭି.ଭି.ପାଟ୍ ବିଷୟରେ ସଚେତନ ହେବା।
- ଚାହୁଁ ନଥିବା ବିଷୟରେ ଜାଣିବା: ନୋଟା (NOTA)

## କାର୍ଯ୍ୟକ୍ରମ : ଯୁବ ଭୋଟରଙ୍କ ମହୋତ୍ସବ ବା ଯୁବ ମତଦାତା ମହୋତ୍ସବ

ଅଯୁଗ୍ମ ସଂଖ୍ୟା ଅର୍ଦ୍ଧବାର୍ଷିକୀ ନି.ସା.ସ.ର ସଭ୍ୟମାନେ ଦିନେ କିମ୍ବା ଦୁଇଦିନିଆ ମହୋତ୍ସବ ଆୟୋଜନ କରିବେ। ଛାତ୍ରମାନେ ଚାହିଁଲେ ସହର ମଧ୍ୟରେ ଥିବା ସମସ୍ତ ମହାବିଦ୍ୟାଳୟ ଏଥିରେ ଯୋଗଦେଇ ପାରିବେ କିମ୍ବା ସଂପୃକ୍ତ ମହାବିଦ୍ୟାଳୟର ଛାତ୍ରମାନେ କେବଳ ଭାଗନେବେ। ଉକ୍ତ ମହୋତ୍ସବ ସମସ୍ତ ମହାବିଦ୍ୟାଳୟର ସମିତିମାନେ ମିଳିତ ଭାବରେ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରିପାରିବେ। ତନ୍ମଧ୍ୟରୁ କେତେକ ପ୍ରସ୍ତାବିତ କାର୍ଯ୍ୟକ୍ରମ :-

### ଚିତ୍ରକଳା ପ୍ରତିଯୋଗୀତା :

ପ୍ରାଚୀର ଚିତ୍ର, ପ୍ରାଚୀର ପତ୍ର, କାଠ ଖୋଦେଇ, ମୁଦ୍ରଣ କଳା ଇତ୍ୟାଦି ବିଷୟରେ ନି.ସା.ସ. ନିଜ ମହାବିଦ୍ୟାଳୟରେ କିମ୍ବା ଆନ୍ତଃ ମହାବିଦ୍ୟାଳୟ ସ୍ତରୀୟ ପ୍ରତିଯୋଗିତା ଆୟୋଜନ କରିବ। ଏହି ପ୍ରତିଯୋଗିତା ମାଧ୍ୟମରେ ଛାତ୍ରମାନଙ୍କ ଭିତରେ ନିର୍ବାଚନ, ନିର୍ବାଚନୀ ପ୍ରକ୍ରିୟା, ମତଦାନ, ଗଣତନ୍ତ୍ର ଏବଂ ସାଧାରଣ ରାଜନୀତି ସଂପର୍କରେ ସଚେତନତା ସୃଷ୍ଟି କରାଯିବ।



## ମୁକ ଅଭିନୟ / ପଥପ୍ରାନ୍ତ ନାଟକ / ପଥ ଉତ୍ସବ :

ନାଟ୍ୟ ସଂସଦ ସହଯୋଗୀତାରେ ମହାବିଦ୍ୟାଳୟ / ବିଶ୍ୱବିଦ୍ୟାଳୟମାନଙ୍କରେ ମହାବିଦ୍ୟାଳୟ/ଯୁବ ଉତ୍ସବ ଯଥା- ମୁଡ୍ ଇଣ୍ଡିଗୋ (Mood Indigo), ଅନ୍ତରାଗିଣୀ (Antaragini), ଓଏସିସ୍ (OASIS), ମହ୍ଲାର (Malhar), ରେଞ୍ଜେଭୁ (Rendezvous) ଇତ୍ୟାଦି ପ୍ରଦର୍ଶିତ ହେବ।

## ଫଟୋଚିତ୍ର ପ୍ରତିଯୋଗିତା, ଚଳଚିତ୍ର ପ୍ରଦର୍ଶନ ଏବଂ କ୍ଷୁଦ୍ର ଚଳଚିତ୍ର ନିର୍ମାଣ ପ୍ରତିଯୋଗିତା :-

ମହାବିଦ୍ୟାଳୟ / ବିଶ୍ୱବିଦ୍ୟାଳୟର ଫଟୋଗ୍ରାଫି ସମିତି ମାଧ୍ୟମରେ ଏହି ପ୍ରତିଯୋଗିତାଗୁଡ଼ିକ ଆୟୋଜନ କରାଯିବ। ଏହି ପ୍ରତିଯୋଗୀତାରେ ପ୍ରଦର୍ଶିତ ଚଳଚିତ୍ର, ପ୍ରାମାଣିକ ଚଳଚିତ୍ର ଓ ସ୍ଥିର ଚିତ୍ର ସବୁ ନିର୍ବାଚନୀ ପ୍ରକ୍ରିୟା, ନିର୍ବାଚନ, ଗଣତନ୍ତ୍ର ଓ ନାଗରିକମାନଙ୍କର ଅଧିକାର ଓ ଦାୟିତ୍ୱ ବିଷୟରେ ବାର୍ତ୍ତା ପ୍ରସାରଣ ଏବଂ ସଚେତନତା ସୃଷ୍ଟି କରିବା ଦିଗରେ ସହାୟକ ହେବ। ଏଗୁଡ଼ିକ ମଧ୍ୟ ପ୍ରୋତ୍ସାହକ ଉପାଦାନ ରୂପେ କାର୍ଯ୍ୟକରିବ ଏବଂ ଫଳପ୍ରଦ ଭାବରେ ନିୟୋଜିତ କରାଗଲେ ବ୍ୟବହାରିକ ପରିବର୍ତ୍ତନରେ ସାହାଯ୍ୟ କରିବ।



ମହାବିଦ୍ୟାଳୟ / ବିଶ୍ୱବିଦ୍ୟାଳୟର ସାଧାରଣ ଛାତ୍ରମାନଙ୍କ ମତାମତକୁ ଭିତ୍ତିକରି ଏହିସବୁ ପ୍ରତିଯୋଗିତାର ବିଷୟବସ୍ତୁ ସ୍ଥିର କରାଯିବ। ଅନୁଷ୍ଠାନର ଛାତ୍ରସମୁହଙ୍କ ମତାମତକୁ ଭିତ୍ତିକରି ଚଳଚିତ୍ରଗୁଡ଼ିକର ତାଲିକା ମଧ୍ୟ ପ୍ରସ୍ତୁତ କରାଯିବ। ପରେ ପରେ ନି.ସା.ସ. ଦ୍ୱାରା ଏହା ଉପରେ ଆଲୋଚନା ଓ ବିଶ୍ଳେଷଣ ପାଇଁ ଏକ ଅଧିବେଶନର ଆୟୋଜନ କରାଯିବ।

## ନୃତ୍ୟ / ସଂଗୀତ ପ୍ରତିଯୋଗିତା :

ମହାବିଦ୍ୟାଳୟର ନୃତ୍ୟ, ସଂଗୀତ ସମିତି ଆନୁକୂଲ୍ୟରେ ଏହିସବୁ ପ୍ରତିଯୋଗିତା ଆୟୋଜିତ ହେବ। ଏଥିରେ ବିଷୟବସ୍ତୁଭିତ୍ତିକ ଗଳ୍ପ, ନୃତ୍ୟ ଓ ସଂଗୀତ ମାଧ୍ୟମରେ ଯୁବ ସମାଜକୁ ଉତ୍ସାହିତ କରିବାକୁ ପ୍ରଦର୍ଶିତ କରାଯିବ।

ବିକଳ୍ପ ଭାବେ, ନି.ସା.ସ.ର ସଭ୍ୟମାନେ ବ୍ୟକ୍ତିଗତଭାବେ ଉପରୋକ୍ତ କାର୍ଯ୍ୟକ୍ରମ ଆୟୋଜନ କରିପାରିବେ ଏବଂ ଶିକ୍ଷା ବର୍ଷର ଯେକୌଣସି ସମୟରେ ଅଲଗା ଅଲଗା ଭାବରେ ସେହି ପ୍ରତିଯୋଗିତାକୁ ମଧ୍ୟ କରାଇପାରିବେ।

### ଅଭିନୟ ଓ କବିତା ଆବୃତ୍ତି :

ମହାବିଦ୍ୟାଳୟ / ବିଶ୍ୱବିଦ୍ୟାଳୟର ନାଟ୍ୟ ସଂସଦ / ସଂଗୀତ ସମିତି ଆନୁକୁଲ୍ୟରେ ଆୟୋଜିତ ହେଉଥିବା ଏହି କାର୍ଯ୍ୟକ୍ରମ ଯୁବ ସମାଜକୁ ଆକୃଷ୍ଟ କରିଥାଏ। ଏହାରି ମାଧ୍ୟମରେ ପ୍ରତିନିଧିତ୍ୱ, ପରିବର୍ତ୍ତନରେ ଯୁବକ ଭୂମିକା, ଗଣତନ୍ତ୍ର, ନିର୍ବାଚନ, ରାଜନୀତି, ମତାଧିକାର, ଭୋଟଦାନ ଇତ୍ୟାଦି ସଂଶ୍ଳିଷ୍ଟ କରାଯାଇ ସେମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଇପାରିବ। ନି.ସା.ସ. ସମୟ ସମୟରେ ଏହିଭଳି ପ୍ରତିଯୋଗିତା ଆୟୋଜନ କରାଯାଇ ଛାତ୍ର ସମାଜ ସହିତ ଏକ ବାର୍ତ୍ତାଳାପର ସୁଯୋଗ ସୃଷ୍ଟି କରିପାରିବ। ଏହି କାର୍ଯ୍ୟକ୍ରମ ଅନ୍‌ଲାଇନ୍‌ରେ ମଧ୍ୟ କରାଯାଇପାରିବ ଏବଂ ଏକ ବିଶେଷ ବିଚାରକ ମଣ୍ଡଳୀ କିମ୍ବା ପ୍ରଚଳିତ ଭୋଟିଂ ପ୍ରଥା ଦ୍ୱାରା ବିଜୟୀଙ୍କୁ ଚୟନ କରାଯାଇପାରିବ।

### ନିର୍ବାଚନୀ ପ୍ରଶ୍ନୋତ୍ତର :

ନି.ସା.ସ. ମହାବିଦ୍ୟାଳୟର ବିତର୍କ ସମିତି ସହାୟତାରେ ନିର୍ବାଚନ ଏବଂ ନିର୍ବାଚନୀ ପ୍ରକ୍ରିୟା ଉପରେ ଛାତ୍ରମାନଙ୍କ ମଧ୍ୟରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆୟୋଜନ କରାଯାଇପାରିବ।

### ମତଦାତାଙ୍କ ଶପଥ :


ଯୁବ ଅଂଶଗ୍ରହଣକାରୀମାନେ ଏକତ୍ରିତ ହୋଇ ମତଦାନ ପାଇଁ ଶପଥ ନେବା ଏକ ବାଧ୍ୟତାମୂଳକ କାର୍ଯ୍ୟକ୍ରମ ହୋଇପାରିବ। ନି.ସା.ସ.ର ସଭ୍ୟମାନଙ୍କ ଏହି ଶପଥ ଉତ୍ସବକୁ ସାମାଜିକ ଗଣମାଧ୍ୟମରେ ମଧ୍ୟ ପ୍ରଚାର ପ୍ରସାର କରାଯାଇପାରିବ।

***

## କାର୍ଯ୍ୟକ୍ରମ : ସ୍ୱତନ୍ତ୍ର ଅଭିଯାନ

୧୮ ବର୍ଷରୁ ଉର୍ଦ୍ଧ୍ୱ ମହାବିଦ୍ୟାଳୟର ସମସ୍ତ ଛାତ୍ର ଭୋଟ ଦେବାକୁ ଯୋଗ୍ୟ। ତେଣୁ ସମସ୍ତ ଛାତ୍ର ମତଦାତା ଭାବେ ପଞ୍ଜିକୃତ ହେବା ଗୁରୁତ୍ୱପୂର୍ଣ୍ଣ ଅଟେ। ନିଜ ଗୋଷ୍ଠୀର ଅନ୍ୟମାନଙ୍କୁ ଭୋଟର ଭାବରେ ପଞ୍ଜିକରଣ କରାଇବାର ଦାୟିତ୍ୱ ନି.ସା.ସ.ର ସଭ୍ୟମାନଙ୍କର ଉପରେ ନ୍ୟସ୍ତ ରହିବ ଏବଂ ଏଥିପାଇଁ ସେମାନେ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିବେ।

## ପ୍ରଣାଳୀ :




- ନି.ସା.ସ.ର ସଭ୍ୟମାନେ ମହାବିଦ୍ୟାଳୟରେ ଏହି ସ୍ୱତନ୍ତ୍ର ଅଭିଯାନର ଉଦ୍ଦେଶ୍ୟକୁ ପ୍ରଚାର କରିବେ।
- ସେମାନେ ଏକ ସଭା ମାଧ୍ୟମରେ କିପରି ପଞ୍ଜିକୃତ ହେବାକୁ ହୁଏ(ଫର୍ମ ୬ ପୂରଣ କରି) ଏବଂ ଏଥିପାଇଁ କି କି କାଗଜପତ୍ର ଦରକାର ହୁଏ ସେ ସମ୍ପର୍କରେ ବୁଝାଇବେ।
- ନି.ସା.ସ.ର ସଭ୍ୟମାନେ ନିର୍ବାଚନ ମଣ୍ଡଳୀର ମଣ୍ଡଳସ୍ତରୀୟ ଅଧିକାରୀଙ୍କ ସହ ଯୋଗାଯୋଗ ରକ୍ଷା କରିବେ ଏବଂ ତାଙ୍କୁ ଛାତ୍ରମାନଙ୍କ ସହିତ ଏକ ବିଶେଷ ଅଧିବେଶନରେ ଯୋଗଦେବାକୁ ନିମନ୍ତ୍ରଣ କରିବେ।
- ଏକ ନିର୍ଦ୍ଦିଷ୍ଟ ଦିନରେ ସେମାନେ ଏକ ବୁଥ୍ ପ୍ରତିଷ୍ଠା କରି ଛାତ୍ରମାନଙ୍କ ଦ୍ୱାରା ଫର୍ମ-୬ ପୂରଣ କରାଇ ମଣ୍ଡଳ ଅଧିକାରୀଙ୍କୁ ପ୍ରଦାନ କରିବେ।
- ଅନ୍ୟ ରାଜ୍ୟ ଓ ଅନ୍ୟ ସହରରେ ଛାତ୍ରମାନଙ୍କୁ ଜାତୀୟ ଭୋଟର ସେବା ପୋର୍ଟାଲ : www.nvsp.in ବିଷୟରେ ଜଣାଇବେ।

ଯାହାଫଳରେ ସେମାନେ ଅନ୍‌ଲାଇନ୍ ମାଧ୍ୟମରେ ସେମାନଙ୍କ ନାମ ପଞ୍ଜିକରଣ କରିପାରିବେ।

**ଅବଧି :** ଅର୍ଦ୍ଧ ଦିବସ :

**ସମୟସାରଣୀ :** ସଂପୃକ୍ତ ରାଜ୍ୟର ଭୋଟର ତାଲିକା ସଂଶୋଧନ ସମୟ ପାଖାପାଖି ଉକ୍ତ କାର୍ଯ୍ୟକ୍ରମ ଆୟୋଜନ କରାଯିବ।

**କାର୍ଯ୍ୟକ୍ରମ : ବିତର୍କ / ବକ୍ତୃତା ପ୍ରତିଯୋଗିତା**

ଯୁବକମାନଙ୍କ କ୍ଷେତ୍ରରେ ଯେ କୌଣସି ବିଷୟରେ ବିତର୍କ ଏବଂ ଆଲୋଚନା ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ନିର୍ବାଚନୀ ଆସର ମାଧ୍ୟମରେ ନି.ସା.ସ.ର ସଭ୍ୟମାନେ ନିର୍ବାଚନୀ ପ୍ରକ୍ରିୟା ଏବଂ ମତଦାନ ସଚେତନତା ବିଷୟରେ ଜ୍ଞାନ ଆହରଣ କରିସାରିଥିବେ। ଆନ୍ତଃ ମହାବିଦ୍ୟାଳୟ ପ୍ରତିଯୋଗିତା ମାଧ୍ୟମରେ ସେମାନେ ତାଙ୍କର ଏହି ଅଭିଜ୍ଞତାକୁ ଅଧିକ ସଂପ୍ରସାରିତ କରାଇପାରିବେ।

**ପ୍ରଣାଳୀ :**

- ନି.ସାସ.ର ସଭ୍ୟ ଏବଂ ପରିଚାଳନା ସମିତି ମିଳିତ ଭାବେ ଏହି ପ୍ରତିଯୋଗିତାର ରୂପରେଖ ତିଆରି କରିବେ। ଏହା ସଂସଦୀୟ ବିତର୍କ, ସାଧାରଣ ବିତର୍କ, ମଣ୍ଡଳୀ ଆଲୋଚନା କିମ୍ବା ବକ୍ତୃତା ପ୍ରତିଯୋଗିତା ମଧ୍ୟ ହୋଇପାରେ।

- ପରିଚାଳନା ସମିତିର ଅନୁମୋଦନକ୍ରମେ ନି.ସା.ସ.ର ସଭ୍ୟମାନେ ଏଥିପାଇଁ ବିଷୟବସ୍ତୁ ସ୍ଥିର କରିବେ। ଏହା ପାଇଁ ନିର୍ବାଚନୀ ଆସର ଅନ୍ତର୍ଭୁକ୍ତ ଥିବା ବିଷୟବସ୍ତୁଗୁଡ଼ିକ ଉପରେ ମଧ୍ୟ ଧ୍ୟାନ ଦିଆଯାଇପାରେ।

- ସହରର ସମସ୍ତ ମହାବିଦ୍ୟାଳୟମାନଙ୍କୁ ଏଥିରେ ଅଂଶଗ୍ରହଣ କରିବାକୁ ଆମନ୍ତ୍ରିତ କରାଯିବ ତଥା କାର୍ଯ୍ୟକ୍ରମଟିକୁ ଉପଯୁକ୍ତ ଭାବେ ପ୍ରଚାର ପ୍ରସାର କରାଯିବ।
- ବିଚାରକଙ୍କ ଦ୍ୱାରା ପୁରସ୍କାର ଓ ପ୍ରମାଣପତ୍ର ସମ୍ବଳିତ ଏହି କାର୍ଯ୍ୟକ୍ରମ ୨ ଘଣ୍ଟା ମଧ୍ୟରେ ଶେଷ କରିବାକୁ ହେବ।

**ସମୟସାରଣୀ :** ଯୁଗ୍ମ ସଂଖ୍ୟକ ଯେକୌଣସି ଅର୍ଦ୍ଧବାର୍ଷିକୀରେ।

**କାର୍ଯ୍ୟକ୍ରମ : ଜାତୀୟ ଭୋଟର ଦିବସ ପାଳନ**

ଯୁବ ମତଦାତାମାନଙ୍କୁ ନିର୍ବାଚନ ପ୍ରକ୍ରିୟାରେ ସାମିଲ କରାଇବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଜାନୁଆରୀ ୨୫ ତାରିଖରେ 'ଜାତୀୟ ଭୋଟର ଦିବସ' ପାଳିତ ହେଉଅଛି।

ନି.ସା.ସ.ର ସଭ୍ୟମାନେ ଏହି ଦିବସର ଗୁରୁତ୍ୱ ଉପଲବ୍ଧି କରି ଏହାକୁ ଲୋକ ଲୋଚନକୁ ଆଣିବା ଆବଶ୍ୟକ। ତେଣୁ ନି.ସାସ.ର ସଭ୍ୟମାନେ ମହାବିଦ୍ୟାଳୟରେ ଏକ ବିଶେଷ ଉତ୍ସବର ଆୟୋଜନ କରିବେ ଯେଉଁଥିରେ ସମସ୍ତ ଛାତ୍ର ଓ ଅଧ୍ୟାପକମାନେ ଯୋଗଦେବେ।

- ଛାତ୍ରମାନେ ଭୋଟ୍‌ର ମୂଲ୍ୟ ଦର୍ଶାଉଥିବା ଚିତ୍ରକଳା ଓ ପ୍ରାଚୀରପତ୍ର ଇତ୍ୟାଦିରେ ସଭାସ୍ଥଳୀକୁ ସଜାଇବେ।
- ଜିଲ୍ଲା ନିର୍ବାଚନ ଅଧିକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କୁ ଉକ୍ତ କାର୍ଯ୍ୟକ୍ରମକୁ ନିମନ୍ତ୍ରଣ କରାଯାଇପାରେ।
- ନି.ସା.ସ.ର ସଭ୍ୟମାନେ ଏହି କାର୍ଯ୍ୟକ୍ରମ ପରିଚାଳନା କରିବେ। ଏକ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇ ସେଥିରେ ନାଟକ, ମିଳିତ ସଂଗୀତ, ନୃତ୍ୟ ଓ ଛାତ୍ରମାନଙ୍କ ଦ୍ୱାରା ବକ୍ତୃତା ପ୍ରତିଯୋଗିତା ଆଦି ସ୍ଥାନ ପାଇବ।

- ଏହି ବିଶେଷ ଉତ୍ସବରେ ଛାତ୍ରମାନଙ୍କୁ ବ୍ୟାଜେସ୍, ଟି.ସାର୍ଟ ଓ ବୁକ୍‌ମାର୍କ ଆଦି ବଣ୍ଟ କରାଯିବ।
- ନି.ସା.ସ.ର ସଭ୍ୟ ଓ ଅନ୍ୟ ଛାତ୍ରମାନଙ୍କର ନିର୍ବାଚନୀ ସାକ୍ଷରତା କାର୍ଯ୍ୟକ୍ରମ ଜାତୀୟ ଭୋଟର ଦିବସ ପାଳନ ମାଧ୍ୟମରେ ସ୍ୱୀକୃତ ହେବ।
- ଯୁବ ମତଦାତା ମହୋତ୍ସବରେ ଯୋଗ ଦେଇଥିବା ଛାତ୍ରମାନଙ୍କୁ ଏହି କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ।

## କାର୍ଯ୍ୟକ୍ରମ : **ପ୍ରେରଣାଦାତାଙ୍କୁ ନିମନ୍ତ୍ରଣ**

ନିର୍ଦ୍ଦଳୀୟ ବ୍ୟକ୍ତିତ୍ୱ, ଯୁବପ୍ରତିଭା ଏବଂ ସମାଜ ସଂସ୍କାରକମାନେ ଏକ ଅନୌପଚାରିକ ସଭାରେ ଏକତ୍ରିତ ହୋଇ ଛାତ୍ରମାନଙ୍କୁ ଗଣତନ୍ତ୍ର, ନିର୍ବାଚନ, ଭୋଟ ଅଧିକାର, ରାଜନୀତି ଏବଂ ସମସାମୟିକ ବିଶ୍ୱ ରାଜନୀତି ସଂପର୍କରେ ବକ୍ତବ୍ୟ ରଖିବେ। ମୁଖ୍ୟତଃ ମତଦାନ କ୍ଷେତ୍ରରେ ଯୁବ ଉଦାସୀନତା ଉପରେ ଏକ ଆଲୋଚନା ରଖିବାକୁ ପ୍ରେରଣାଦାତାମାନଙ୍କୁ ମଧ୍ୟ ଆମନ୍ତ୍ରିତ କରାଯିବ। ଏହି କାର୍ଯ୍ୟକ୍ରମକୁ ଦୁଇ ଭାଗରେ ବିଭକ୍ତ କରାଯିବ। ପ୍ରଥମ ଭାଗରେ ନିମନ୍ତ୍ରିତ ବକ୍ତା ତାଙ୍କର ବକ୍ତବ୍ୟ ରଖିବେ ଏବଂ ଦ୍ୱିତୀୟ ଭାଗରେ ଅତିଥି ଓ ଛାତ୍ରମାନଙ୍କ ମଧ୍ୟରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ନି.ସା.ସ.ର ସଭ୍ୟମାନେ ଏହି କାର୍ଯ୍ୟକ୍ରମକୁ ସାମାଜିକ ଗଣମାଧ୍ୟମରେ ପ୍ରଚାର-ପ୍ରସାର କରାଇପାରିବେ।

## ପ୍ରଣାଳୀ :

ପ୍ରେରଣାଦାତାଙ୍କୁ ଆମନ୍ତ୍ରଣ କାର୍ଯ୍ୟକ୍ରମ ସ୍ୱାଧୀନ ଭାବରେ ହୋଇପାରିବ କିମ୍ବା ଜାତୀୟ ଭୋଟର ଦିବସ କାର୍ଯ୍ୟକ୍ରମ ଅଥବା ମତଦାତା ମହୋତ୍ସବ ସହିତ ମଧ୍ୟ ପାଳନ କରାଯାଇପାରିବ।

**ସମୟ ଅବଧି :** ୨ ଘଣ୍ଟା

**ନିୟମିତ କାର୍ଯ୍ୟକ୍ରମ : ମହାବିଦ୍ୟାଳୟ ପତ୍ରିକାରେ ଘଟଣାଭିତ୍ତିକ ଗଳ୍ପ ପ୍ରକାଶନ**

ନି.ସା.ସ. ମହାବିଦ୍ୟାଳୟର ବାର୍ଷିକ, ମାସିକ, ତ୍ରୈମାସିକ ମୁଖପତ୍ରର ସଂପାଦକ ମଣ୍ଡଳୀଙ୍କ ସହିତ ଯୋଗାଯୋଗ କରି ସେଥିରେ ଘଟଣାଭିତ୍ତିକ ଗଳ୍ପ ପ୍ରକାଶ କରିବେ। ଏହି ଲେଖାଗୁଡ଼ିକ ନିର୍ବାଚନୀ ଗଣତନ୍ତ୍ର ଉପରେ ଆଧାରିତ ହୋଇଥିବା ବିଧେୟ।

ପ୍ରତ୍ୟେକ ଅଞ୍ଚଳର ମହାବିଦ୍ୟାଳୟମାନଙ୍କରୁ ସଂଗୃହୀତ ସର୍ବୋତ୍କୃଷ୍ଟ ଗଳ୍ପଗୁଡ଼ିକୁ ଏକତ୍ରିତ କରି ସେଥିରେ 'ମତଦାନରେ ଆସ୍ଥା' ନାମକ ଧାରାବାହିକ ଭାବରେ ଭବିଷ୍ୟତ ଭୋଟରଙ୍କ ପାଇଁ ପ୍ରକାଶ କରାଯାଇପାରେ।

**ନିୟମିତ କାର୍ଯ୍ୟକ୍ରମ : ସାମାଜିକ ଗଣମାଧ୍ୟମ ଭିତ୍ତିକ କାର୍ଯ୍ୟକ୍ରମ**

ମହାବିଦ୍ୟାଳୟରେ ଥିବା ନି.ସା.ସ. ତା' ନିଜର ସାମାଜିକ ଗଣମାଧ୍ୟମ ପୃଷ୍ଠା (ଫେସ୍‌ବୁକ୍, ଟୁଇଟର୍, ଇନ୍‌ଷ୍ଟାଗ୍ରାମ୍ ଇତ୍ୟାଦି) ରଖିବା ଉଚିତ୍।

ନି.ସା.ସ. ନିୟମିତ ଭାବରେ ଏହି ସାମାଜିକ ଗଣମାଧ୍ୟମ ପୃଷ୍ଠାରେ 'ମତଦାତା ସଚେତନତା" ବାର୍ତ୍ତା ବହନ କରୁଥିବା ବିଷୟରେ ପ୍ରତିଯୋଗିତାମାନ କରାଇବେ। କେତେକ ପ୍ରସ୍ତାବିତ କାର୍ଯ୍ୟକ୍ରମ ନିମ୍ନରେ ଉଲ୍ଲେଖ କରାଗଲା।

- ଲୋଗୋ ତିଆରି କରିବା
- ଟ୍ୟାଗ୍ ଲାଇନ୍ ଲେଖିବା।
- ପ୍ରାଚୀର ପତ୍ର ତିଆରି କରିବା
- ଜି.ଆଇ.ଏଫ୍ ତିଆରି କରିବା

- ବ୍ଲଗ୍ ଲେଖିବା
- ସୌହାର୍ଦ୍ଦ୍ୟପୂର୍ଣ୍ଣ ନିର୍ବାଚନ ବାର୍ତ୍ତାଳାପ - ନିକଟରେ କୌଣସି ନିର୍ବାଚନ ହୋଇଥିଲେ ନି.ସା.ସ. ସେହି ନିର୍ବାଚନୀ ଦୃଶ୍ୟର ଚଳଚିତ୍ର ଉତ୍ତୋଳନ କରି ନିଜ ଗଣମାଧ୍ୟମ ପୃଷ୍ଠାରେ ପ୍ରସାର କରାଇବେ।

***

# ୧୬. ପ୍ରସ୍ତାବିତ କାର୍ଯ୍ୟସୂଚୀ

| କ୍ର.ସଂ. | କାର୍ଯ୍ୟକ୍ରମ | ଅସ୍ଥାୟୀ ସମୟସୀମା |
|---|---|---|
| | **ଅଯୁଗ୍ମ ଅର୍ଦ୍ଧବାର୍ଷିକ** | |
| ୧. | ନୂତନ ନି.ସା.ସ.ର କାର୍ଯ୍ୟନିର୍ବାହୀ ପରିଷଦର ନିର୍ବାଚନ | ଜୁଲାଇ |
| ୨. | ନିର୍ବାଚନୀ ଆସର | |
| ୩. | ନୂଆ ମତଦାତାଙ୍କ ମଧ୍ୟରେ ବିତର୍କ | |
| ୪. | କ୍ଷିପ୍ର ନୃତ୍ୟ | |
| ୫. | କବିତା ଆବୃତ୍ତି | ଅଗଷ୍ଟ |
| ୬. | ମୂକ ଅଭିନୟ | |
| ୭. | ନିର୍ବାଚନୀ ଆସର | ସେପ୍ଟେମ୍ବର |
| ୮. | ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ନିମନ୍ତ୍ରଣ | |
| ୯. | ଫଟୋ ଉତ୍ତୋଳନ ପ୍ରତିଯୋଗିତା | |
| ୧୦. | କଳା ପ୍ରତିଯୋଗିତା | ଅକ୍ଟୋବର |
| ୧୧. | ପ୍ରେରଣାଦାତାଙ୍କୁ ନିମନ୍ତ୍ରଣ | |
| ୧୨. | ଜାତୀୟ ମତଦାନ ଦିବସ ସମାରୋହ ପାଇଁ ପ୍ରସ୍ତୁତି | ନଭେମ୍ବର |
| ୧୩. | କ୍ଷୁଦ୍ର ଚଳଚିତ୍ର ନିର୍ମାଣ ପ୍ରତିଯୋଗିତା ପାଇଁ ଘୋଷଣା | |
| ୧୪. | ମହାବିଦ୍ୟାଳୟର ମୁଖପତ୍ରରେ ଘଟଣାଭିତ୍ତିକ ଗଳ୍ପ ପ୍ରକାଶନ | ନିୟମିତ କାର୍ଯ୍ୟପ୍ରଣାଳୀ |
| | **ଯୁଗ୍ମ ଅର୍ଦ୍ଧବାର୍ଷିକ** | |
| ୧୫. | ଜାତୀୟ ଭୋଟର ଦିବସ ପାଳନ | ଜାନୁଆରୀ |
| ୧୬. | ପ୍ରେରଣାଦାତାଙ୍କୁ ନିମନ୍ତ୍ରଣ | |
| ୧୭. | ଚଳଚିତ୍ର ପ୍ରଦର୍ଶନ | ଫେବୃଆରି |
| ୧୮. | ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପରିଦର୍ଶନ | ମାର୍ଚ୍ଚ |
| ୧୯. | ନିର୍ବାଚନୀ ଆସର | ଏପ୍ରିଲ |
| ୨୦. | ୧୮ ବର୍ଷରୁ ଉର୍ଦ୍ଧ୍ୱ ଛାତ୍ରମାନଙ୍କର ପଞ୍ଜିକରଣ ଅଭିଯାନ | ମେ |
| ୨୧. | ମହାବିଦ୍ୟାଳୟର ପ୍ରାଚୀର ପତ୍ର ଓ ମୁଖପତ୍ରରେ ଘଟଣାଭିତ୍ତିକ ଗଳ୍ପ ପ୍ରକାଶନ | ନିୟମିତ କାର୍ଯ୍ୟକ୍ରମ |

## ୧୭. ସାଧନ :

(କ) ଭୋଟ୍‌ରେ ଆସ୍ଥା

(ଖ) ଗଣତନ୍ତ୍ରର ପ୍ରହରୀ

(ଗ) ଶବ୍ଦକୋଷ

(ଘ) ନିର୍ବାଚନ ଅଧିକାରୀଙ୍କ ଦରକାରୀ ତଥ୍ୟ ପୁସ୍ତକ
http://eci.nic.in/eci_main/ElectoralLaws / HandBooks / RO%20HANDBOOK_24022014.pdf

(ଙ) www.nvsp.in

***

# ଆବାହକଙ୍କ ଟିପ୍ପଣୀ

# ଆବାହକଙ୍କ ଟିପ୍ପଣୀ

## ଆବାହକଙ୍କ ଟିପ୍ପଣୀ



*ପ୍ରତ୍ୟେକଟି ଭୋଟ ମୂଲ୍ୟବାନ*

## ଆବାହକଙ୍କ ଟିପ୍ପଣୀ

# ଆବାହକଙ୍କ ଟିପ୍ପଣୀ

## ଆବାହକଙ୍କ ଟିପ୍ପଣୀ

## ଆବାହକଙ୍କ ଟିପ୍ପଣୀ



*ପ୍ରତ୍ୟେକଟି ଭୋଟ ମୂଲ୍ୟବାନ*

## ଆବାହକଙ୍କ ଟିପ୍ପଣୀ

## ଆବାହକଙ୍କ ଟିପ୍ପଣୀ

*ପ୍ରତ୍ୟେକଟି ଭୋଟ ମୂଲ୍ୟବାନ*

ELECTORAL LITERACY CLUB

No Voter to be Left Behind


**ଭାରତର ନିର୍ବାଚନ ଆୟୋଗ**

ନିର୍ବାଚନ ସଦନ, ଅଶୋକା ରୋଡ଼, ନୂଆଦିଲ୍ଲୀ

ଟେଲିଫୋନ୍ – ୯୧-୧୧-୨୩୦୫୨୨୦୫

ଫାକ୍ସ: ୯୧-୧୧-୨୩୦୫୨୨୧୯

www.eci.nic.in / www.ecisveep.nic.in